# Akashvani, Sambalpur

# SAMBALPURI NEWS MORNING BULLETIN

# 9 September 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ ଆଇ ଆଣ୍ଡ୍ ପି.ଆର୍

ସଂଯୁକ୍ତ ଆରବ ଏମିରେଟ୍ସ ଗସ୍ତଥି ଯାଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଆବୁଧାବି ନ ପୁହୁଁଚିଛନ୍ । ଇତାର୍‌ସହେତେ ଓଡ଼ିଶାର୍ ଉଚ୍ଚସ୍ତରୀୟ ନିବେଶ୍ ଅଭିଯାନ୍ ମୁଲ୍ ହେଇଛେ । ଆଏଜ୍‌ଠାନୁ ୧୧ ତାରିଖ୍‌ତକ୍ ପ୍ରମୁଖ୍ କାର୍ଯ୍ୟକ୍ରମ୍ ହେବାର୍ ସହେତେ ଆଏବା ୧୨ ତାରିଖ୍ ମୁଖ୍ୟମନ୍ତ୍ରୀ ଭାରତ୍ ଫିର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ୟୁଏଇ ସହେତେ ଭାରତ୍‌ର ସମ୍ପର୍କକେ ବର୍‌କସ୍ କର୍‌ବାର୍ ବିଷେଥି ମୁଖ୍ୟମନ୍ତ୍ରୀ ରାଷ୍ଟ୍ରଦୂତଙ୍କର୍ ସହେତେ ଆଲୋଚନା କରିଛନ୍ । ଆବୁଧାବି ନ ପୁହୁଁଚିକରି ରାଜ୍ୟ ସର୍‌କାର୍‌ଙ୍କର୍ ନିବେଶ୍ କାର୍ଯ୍ୟକ୍ରମ୍‌ର ପ୍ରସ୍ତୁତି ବାବ୍‌ଦେ ଭିଲ୍ ସେ ସମୀକ୍ଷା କରିଛନ୍ । ୟୁଏଇ ନ ରହୁଥିବା ଆଉ କାମ୍ କରୁଥିବା ଓଡ଼ିଆ ମାନ୍‌କୁ ନିରନ୍ତର୍ ସହଯୋଗ୍ ଆଉ ସୁବିଧା ସୁଯୋଗ୍

ଦେବାର୍ ଦିଗେ ସେ ଜୋର୍ ଦେଇଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଶିଳ୍ପ ଅଭିବୃଦ୍ଧି ଗୁଟେ ନୂଆଁ ପର୍ଯ୍ୟାୟଥି ଓଡ଼ିଶା ପୁହୁଁଚିଛେ ଆଉ ୟୁଏଇ ସହେତେ ଆଲୋଚନା ଇ ଯାତ୍ରାର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ଅଂଶ ଆଏ । ମୁଖ୍ୟମନ୍ତ୍ରୀଙ୍କର୍ ନେତୃତ୍ୱଥି ଗଠିତ୍ ଇ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଲୀଥି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗ୍ ଆଉ ଇପିକଲ୍ର ଅଧିକାରୀମାନେ ସାମିଲ୍ ଅଛନ୍ ।

ରାଜ୍ୟପାଲ୍ ପୁରୀ ସମ୍ବାଦଦାତା

ପୁରୀ ଗୋପବନ୍ଧୁ ଆୟୁର୍ବେଦ୍ ମହାବିଦ୍ୟାଲୟର୍ ସ୍ନାତକ ସମାରୋହଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଯୋଗ୍ ଦେଇକରି ୪୨ ଝନ୍ ସ୍ନାତକ ଛାତ୍ରଛାତ୍ରୀମାନ୍କୁ ସ୍ନାତକ ପ୍ରମାଣ୍ପତ୍ର ଦେଇଛନ୍ । ଭାରତ୍ର ପ୍ରାଚୀନ୍ ଜ୍ଞାନ୍ ପରମ୍ପରା ଆଉ ଭବିଷ୍ୟତ୍ର ସ୍ୱାସ୍ଥ୍ୟସେବାର୍ ଆବଶ୍ୟକତା ଭିତ୍ରେ ଆୟୁର୍ବେଦ୍ ଗୁଟେ ଶକ୍ତିଶାଳୀ ସେତୁ ହିସାବେ କାମ୍ କର୍ବା । ଇତାକେ ଆହୁରି ଅଏତ୍କା ମଜ୍ବୁତ୍ କର୍ବାର୍ ଦାୟିତ୍ୱ ସ୍ନାତକ ମାନ୍କର୍ ଆଏ ବଲି ରାଜ୍ୟପାଲ୍ ଇ

ଅବ୍‌ସରେ କହିଛନ୍ । ଆଏବା ଦିନେ ମହାବିଦ୍ୟାଲୟର୍ ଆୟୁର୍ବେଦ୍ ଶିକ୍ଷା, ଗବେଷଣା ଆଉ ଚିକିତ୍ସା କ୍ଷେତ୍ର ନ ଗୁଟେ ଉତ୍କର୍ଷ କେନ୍ଦ୍ର ଭାବେ ବିକଶିତ୍ ହେବା ବଲି ରାଜ୍ୟପାଲ୍ ଆଶ୍ କରିଛନ୍ ।

ଦୁଗ୍ଧ ସମବାୟ ସମିତି ଆର୍‌ଏନ୍‌ୟୁ/ କଟକ୍

ରାଏଜେ ନୂଆଁ ୧ ହଜାର୍ ୨ ଶହ ଦୁଗ୍ଧ ସମବାୟ ସମିତି ଥାପ୍‌ନା ହେବା ବଲି ମତ୍ସ୍ୟ ଆଉ ପଶୁପାଲନ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ କହିଛନ୍ । ଗୁରସ୍ ଚାଷୀମାନ୍‌କୁ ଲିଟର୍ ପିଛା ୨ ଟଙ୍କା ଅଏତ୍‌କା ଦେବାର୍‌କେ ଓମ୍‌ଫେଡ୍ ତର୍‌ଫୁ ନିଷ୍ପତି ନିଆଯାଇଛେ । ଆଏବା ୧୧ ତାରିଖ୍‌ନୁ ଚାଷୀମାନ୍‌କୁ ଇ ବଢ଼ିଥିବାର୍ ଦାମ୍ ଦିଆଯିବା । ଇଥିର୍‌ଲାଗି ରାଜ୍ୟର୍ ୩ ଲାଖ୍ ନୁ ଅଏତ୍‌କା ଗୁରସ୍ ଚାଷୀ ଲାଭ୍ ପାଏବେ ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ ସୂଚ୍‌ନା ଦେଇଛନ୍ ।

ସ୍ୱାସ୍ଥ୍ୟ -ପ୍ରସ୍ତୁତି କର୍ମଶାଳା ଆଇ ଆଣ୍ଡ୍ ପି.ଆର୍

ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଅଧୀନ୍‌ଥି ୨୦୨୬-୨୭ ବଛର୍ ଲାଗି ତିଆର୍ ହେଇଥିବା କାର୍ଯ୍ୟକ୍ରମ୍‌ର କାର୍ଯ୍ୟାନ୍ୱୟନ୍ ଯୋଜ୍‌ନା ବାବ୍‌ଦେ

ସବୁ ଜିଲ୍ଲାର୍ ମୁଖ୍ୟ ଚିକିତ୍ସା ଆଉ ଜନସ୍ୱାସ୍ଥ୍ୟ ଅଧିକାରୀମାନ୍କୁ ନେଇକରି ଗୁଟେ ପ୍ରସ୍ତୁତି କର୍ମଶାଳା ହେଇଯାଇଛେ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଇ ଅବ୍ସରେ ଯୋଗ୍ ଦେଇକରି ଜିଲ୍ଲାସ୍ତର୍ ନ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ର ଭିନ୍ ଭିନ୍ କାର୍ଯ୍ୟକ୍ରମ୍କେ ଅଏତ୍କା ଫଳପ୍ରଦ ଆଉ ଲକ୍ଷ୍ୟଭିତିକ୍ କର୍ବାର୍ ଦିଗେ ଜୋର୍ ଦେଇଛନ୍ । ରାଜ୍ୟର୍ ୮୦ ପ୍ରତିଶତ୍ ଲୋକ୍ ଗାଁ ଇଲାକା ନ ରହୁଥିବାର୍ନୁ ସେଠାନେ ସେବା ପହଁଚାବାର୍ ବଢ଼ାବାର୍ଟା ଜରୁରୀ ଆଏ ବଲି ସେ କହିଛନ୍ । ୨୦୩୬ ମସିହାତକ୍ ସ୍ୱାସ୍ଥ୍ୟକ୍ଷେତ୍ରଥି ସର୍ବଶ୍ରେଷ୍ଠ ପ୍ରଦର୍ଶନ୍ ଭିଜନ୍ ରଖିବାର୍ ଲାଗି ମନ୍ତ୍ରୀ କହିଛନ୍ ।

ଅନ୍ତର୍ ସିଂ ଆର୍ଯ୍ୟ ଆଇ ଆଣ୍ଡ୍ ପି.ଆର୍

ଜାତୀୟ ଅନୁସୂଚିତ ଜନଜାତି ଆୟୋଗ୍ ଅଧ୍ୟକ୍ଷ ଅନ୍ତର୍ ସିଂ ଆର୍ଯ୍ୟ ଦୁଇ ଦିନିଆ ଓଡ଼ିଶାଗସ୍ତଥି ଆସିକରି ଅନୁସୂଚିତ ଜନଜାତିଙ୍କର୍ ବିକାଶ୍ ଆଉ କଲ୍ୟାଣ୍ ବାବ୍ଦେ ସମୀକ୍ଷା କରିଛନ୍ । ଶ୍ରୀ ଆର୍ଯ୍ୟ ଗଲାକାଏଲ୍ ଭୁବ୍ନେଶ୍ୱର୍ ମହାନଗର୍ ନିଗମ୍ ସମ୍ମିଳନୀ କକ୍ଷ ନ ହେଇଥିବା ସମୀକ୍ଷା ବୈଠକ୍ଥି ଭିନ୍ ଭିନ୍ ପ୍ରସଙ୍ଗ ଉପ୍ରେ

ଆଲୋଚନା କରିଥିଲେ । ବୈଠକ୍‌ଥି ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନ୍‌କର୍ ସହେତେ ଭାବ୍ ବିନିମୟ କର୍‌ବାର୍ ସହେତେ ସେମାନକ୍‌ର ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ସେ ପଚ୍‌ରେଇ ବୁଝିଥିଲେ ।

ସ୍ୱାସ୍ଥ୍ୟମନ୍ତ୍ରୀ- ଶ୍ରୀଜଗନ୍ନାଥ୍ ମେଡ଼ିକାଲ୍ କଲେଜ୍ /ପୁରୀ

ସମ୍ବାଦଦାତା

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଗଲାକାଏଲ୍ ପୁରୀ ଶ୍ରୀଜଗନ୍ନାଥ୍ ମେଡ଼ିକାଲ୍ କଲେଜ୍ ଆଉ ଡାକ୍ତର୍‌ଖାନା ବୁଲିକରି ସମୀକ୍ଷା କର୍‌ବାର୍ ସହେତେ ଇଟା ଖୋବ୍ ଜଲ୍‌ଦି ପୁରାପୁରି ଭାବେ କାର୍ଯ୍ୟକ୍ଷମ୍ ହେବା ବଲି କହିଛନ୍ । ସେନ୍ତା କଲେଜ୍ ନ ଇ ବଛର୍‌ନୁ ୭ ଟା ବିଭାଗ୍‌ଥି ପିଜି ପାଠ୍ୟକ୍ରମ୍ ମୁଲ୍ ହେଇଥିବାର୍ ବେଲେ କାର୍ଡିଓଲୋଜି, ନ୍ୟୁରୋଲୋଜି, ନ୍ୟୁରୋ ସର୍ଜରୀ ଆଉ ପ୍ଲାଷ୍ଟିକ୍ ସର୍ଜରୀ ବାଗିର୍ ୪ ଟା ସୁପର୍ ସ୍ପେଶାଲିଟି ବିଭାଗ୍ କାର୍ଯ୍ୟକ୍ଷମ୍ ହେଇଛେ । ବହୁତ୍ ଜଲ୍‌ଦି ବାକି ସବୁ ସ୍ୱାସ୍ଥ୍ୟସୁବିଧା ମେଡ଼ିକାଲ୍ ନ ଯୁଗେଇ ଦିଆଯିବା ବଲି ମନ୍ତ୍ରୀ ଡ. ମହାଲିଙ୍ଗ୍ କହିଛନ୍ ।

ଆର.ପି.ଡି.ଏ.ସି. ବୈଠକ୍        ସମ୍ବଲପୁର ସମ୍ବାଦଦାତା

ଝାର୍ସୁଗୁଡ଼ା ଆଉ ସମ୍ବଲ୍ପୁର୍ ଜିଲ୍ଲାର୍ ଏନ୍.ଏଲ୍.ସି. କୁଇଲା ଖଣି ପ୍ରଭାବିତ୍ ବିସ୍ଥାପିତ୍ ମାନ୍କର୍ ଥଇଥାନ୍ ଆଉ ପୁନର୍ବାସ୍ ବାବଦ୍ ଆର.ପି.ଡି.ଏ.ସି. ବୈଠକ୍ ହେଇଯାଇଛେ । ଉତରାଂଚଲ୍ ରାଜସ୍ୱ କମିଶନରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ ନ ସମ୍ବଲ୍ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍, ଝାର୍ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ, ରେଙ୍ଗାଲି ବିଧାୟକ୍ ସୁଦର୍ଶନ୍ ହରିପାଲ୍, ଦୁହି ଜିଲ୍ଲାର୍ ଜିଲ୍ଲାପାଲ୍ ଆଉ କ୍ଷତିଗ୍ରସ୍ତ ମାନେ ଉପସ୍ଥିତ୍ ଥିଲେ । ବୈଠକ୍ଥି ଖଣି ପ୍ରଭାବିତ୍ ମାନ୍କର୍ ଲାଗି ଠିକ୍ କ୍ଷତିପୂରଣ୍ ଆଉ ସ୍ଥାନୀୟ ନିଯୁକ୍ତି ଲାଗି ଗୁଟେ ସବ୍କମିଟି ଗଠନ୍ କରାଯାଇଛେ ।

ଖାଦ୍ୟ ମହୋତ୍ସବ୍- ବୌଦ୍ଧ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ଆମ ଖାଦ୍ୟ ଆମ ସଂସ୍କୃତି -

ପ୍ଲାଷ୍ଟିକ୍ ମୁକ୍ତ ଖାଦ୍ୟ ମହୋତ୍ସବ୍ ଲାଗି ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଇ ମହୋତ୍ସବ୍‌କେ ଆଏବା ୧୧ ତାରିଖ୍ ଜିଲ୍ଲାର୍ ମର୍ଜ୍ୟାକୁଦ କଲ୍ୟାଣ୍‌ମଣ୍ଡପ୍ ନ ଆୟୋଜନ୍ କରାଯିବାର୍ ବାବ୍‌ଦେ ନିଷ୍ପତି ନିଆଯାଇଛେ ।

କୌଶଲ୍ ପ୍ରଦର୍ଶନୀ        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ସୋନ୍‌ପୁର୍ ମହାବିଦ୍ୟାଳୟ ନ ଜିଲ୍ଲା ଜରୁରୀ ଶାଖା ତର୍‌ଫୁ ଭିନ୍ ଭିନ୍ ବିପର୍ଯ୍ୟୟନୁ ଜୀବନ୍ ରକ୍ଷା କୌଶଲ୍ ପ୍ରଦର୍ଶନୀ କରାଯାଇଛେ । ବଏଢ଼୍, ଚଢ଼କ୍ ମରା, ପାଏନ୍‌ଥି ବୁଡ଼ିଯିବା, ସାଁପ୍‌ଚବା ବାଗିର୍ ବିପର୍ଯ୍ୟୟନୁ ଜୀବନ୍ ରକ୍ଷା କୌଶଲ୍ ପ୍ରଦର୍ଶନ୍ ସହେତେ ରାସ୍ତା ନ ଦୁର୍ଘଟଣା ସମିଆଥି ଲୁକ୍‌କର୍ ପ୍ରାଥମିକ ଚିକିତ୍ସା, ସି.ପି.ଆର୍. ପ୍ରଦର୍ଶନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ମହାବିଦ୍ୟାଳୟର୍ ଦେଢ଼୍‌ଶହ ନୁ ଅଏତ୍‌କା ଛାତ୍ରଛାତ୍ରୀ ଭାଗ୍ ନେଇଥିଲେ । ଇତାର୍ ଆଗ୍‌ରୁ ତର୍‌ଭାର୍ ଏ.ଇ.ଏସ୍. ମହାବିଦ୍ୟାଳୟ ନ ଭିଲ୍ ଇତାର୍ ଆୟୋଜନ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ପାଖର୍, ଉତର ପଶ୍ଚିମ ବଙ୍ଗୋପସାଗର ନ ଆଏବା ଶୁକ୍ରବାର୍ ତକ୍ ଆଉ ଗୁଟେ ଲଘୁଚାପ୍ କ୍ଷେତ୍ର ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଉତର୍ ଆନ୍ଧ୍ରପ୍ରଦେଶ୍ ଆର୍ ଦକ୍ଷିଣ୍ ଓଡ଼ିଶାନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା ୨ ଦିନ୍‌ତକ୍ ବିଜ୍‌ଲି ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।